ପାଠ 9
पाठ

ଖଣ୍ଡଗିରି-ଉଦୟଗିରି
खण्डगिरि-उदयगिरि

ଗୁରୁମା : ପିଲାମାନେ, ତୁମେମାନେ କେହି 'ଖଣ୍ଡଗିରି-ଉଦୟଗିରି' ପାହାଡ଼ ଦେଖିଛ ?

ପିଲାମାନେ : ନାଇଁ ଗୁରୁମା, ଆମେ ଦେଖିନୁ। ସେଠାରେ ଦେଖିବାକୁ କ'ଣ କ'ଣ ଅଛି ?

ଗୁରୁମା : ବହୁତ କିଛି ଦେଖିବାକୁ ଅଛି ଲେଖା! ତୁମେ ତ ଭୁବନେଶ୍ୱର ଯାଇଛ। 'ଖଣ୍ଡଗିରି-ଉଦୟଗିରି' ପାହାଡ଼ କ'ଣ ଦେଖିନ ?

ଲେଖା : ହଁ ଗୁରୁମା, ମୁଁ ଦେଖିଛି। ଭୁବନେଶ୍ୱରରେ ହିଁ 'ଖଣ୍ଡଗିରି-ଉଦୟଗିରି' ପାହାଡ଼ ଅଛି।

ଲିତା : ଗୁରୁମା, ମୁଁ 'ଖଣ୍ଡଗିରି-ଉଦୟଗିରି' ଗୁମ୍ଫା ବିଷୟରେ

खंडगिरि-उदयगिरि

अध्यापिका : बच्चो, तुमलोगों में से किसी ने 'खंडगिरि-उदयगिरि' पहाड़ देखा है ?

बच्चे : नहीं दीदी, हमने नहीं देखा है। देखने के लिए वहाँ क्या-क्या हैं?

अध्यापिका : देखने के लिए बहुत हैं। लेखा ! तुम तो भुवनेश्वर गई हो। क्या 'खंडगिरि-उदयगिरि' पहाड़ नहीं देखा ?

लेखा : हाँ दीदी, मैंने देखा है। भुवनेश्वर में ही 'खंडगिरि-उदयगिरि' पहाड़ है ।

लिता : दीदी, मैंने 'खंडगिरि-उदयगिरि' गुफाओं के बारे में पढ़ा है ।

अध्यापिका : अच्छा लिता, कहो तो, तुमने इसके बारे में क्या क्या पढ़ा है? किस राजा ने इन गुफाओं का

ପଢ଼ିଛି ।

ଗୁରୁମା : ଆଚ୍ଛା ଲିତା, କହିଲ, ତୁମେ ଏ ବିଷୟରେ କ'ଣ ସବୁ ପଢ଼ିଛ? କେଉଁ ରାଜା ଏଇ ଗୁମ୍ଫା ସବୁ ନିର୍ମାଣ କରିଛନ୍ତି ?

ଲିତା : ରାଜା 'ଖାରବେଲ' ଙ୍କ ସମୟରେ ଏହି ଗୁମ୍ଫାର ନିର୍ମାଣ ହୋଇଅଛି ।

ଗୁରୁମା : ଲେଖା, ତୁମେ ଆଉ କ'ଣ ସେଠି ଦେଖିଛ ?

ଲେଖା : ମୁଁ ସେଠାରେ ରାଣୀ ଗୁମ୍ଫା ଓ ହାତୀ ଗୁମ୍ଫା ଦେଖିଛି । ଏଇ ସବୁ ରାଜା 'ଖାରବେଲ'ଙ୍କ ଅନୁଶାସନ ସମୟରେ ହିଁ ହୋଇଛି ।

ଗୁରୁମା : ସେଠି ଗୋଟାଏ ନାଟ୍ୟ ମଞ୍ଚ ଅଛି । ତୁମେ କ'ଣ ଦେଖିଛ ?

ଲେଖା : ନାଇଁ ଗୁରୁମା, ମୁଁ ନାଟ୍ୟ ମଞ୍ଚ ଦେଖି ନାହିଁ ।

ଗୁରୁମା : ସେତେବେଳେ ସେହି ନାଟ୍ୟ ମଞ୍ଚରେ ନାଟକ ହେଉଥିଲା ।

ଲିତା : ଆଚ୍ଛା ଗୁରୁମା, ଏବେ କ'ଣ ସେଠି ନାଟକ ହେଉଛି ?

निर्माण किया है ?

लिता : राजा 'खारवेळ' के समय में इस गुफा का निर्माण हुआ है ।

अध्यापिका : लेखा, तुमने वहाँ और क्या-क्या देखा है ?

लेखा : मैने वहाँ रानी गुफा और हाथी गुफा को देखा है। ये सब राजा 'खारबेळ' के अनुशासन के समय में ही हुआ है।

अध्यापिका : वहाँ एक नाट्य मंच है। क्या तुमने (उसे) देखा है?

लेखा : नहीं दीदी, मैंने नाट्य मंच नहीं देखा है।

अध्यापिका : तब उस नाट्यमंच में नाटक हो रहा था ।

लिता : अच्छा दीदी, क्या वहाँ अब नाटक हो रहा है ?

अध्यापिका : हाँ, अब भी ओड़िशा की संस्कृति विभाग वहाँ नाटक कर रहा है। मैंने एक बार वहाँ 'ऐर खारबेळ' नाटक देखा है?

लिता : दीदी, वहाँ बहुत बंदर हैं न ?

ଗୁରୁମା : ହଁ, ଏବେ ମଧ୍ୟ ଓଡ ିଶାର ସଂସ୍କୃତି ବିଭାଗ ସେଠି ନାଟକ କରୁଛନ୍ତି । ମୁଁ ଥରେ ସେଠି 'ଐର ଖାରବେଳ' ନାଟକ ଦେଖିଛି ।

ଲିତା : ଗୁରୁମା, ସେଠି କୁଆଡେ ବହୁତ ମାଙ୍କଡ଼ ଅଛନ୍ତି ?

ଲେଖା : ହଁ ଲିତା, ମୁଁ ସେଠି ବହୁତ ବଡ଼ ବଡ଼ ମାଙ୍କଡ଼ ଦେଖିଛି । ମୁଁ ସେମାନଙ୍କୁ କଦଳୀ ଓ ଚିନା ବାଦାମ ଖାଇବାକୁ ଦେଇଛି ।

ଗୁରୁମା : ଲେଖା, ତୁମେ ଆଉ କ'ଣ ସବୁ ଦେଖିଛ ?

ଲେଖା : ସେଠି ମହାବୀର ଜୈନଙ୍କର ବଡ଼ ମୂର୍ତ୍ତି ମୁଁ ଦେଖିଛି । ତା' ପରେ ବାରଭୂଜା ଦୁର୍ଗାଙ୍କୁ ମଧ୍ୟ ମୁଁ ପୂଜା କରିଛି ।

ଗୁରୁମା : ତୁମେ ବହୁତ ଭଲ କାମ କରିଛ ।

लेखा : हाँ लिता, मैंने वहाँ बहुत बड़े बड़े बंदर देखे हैं। मैंने उनको केले और मूँगफली खाने को दिए।

अध्यापिका : लेखा, तुमने और क्या-क्या देखा है ?

लेखा : वहाँ मैंने महावीर जैन की बड़ी मूर्ति देखी है। और बाद में बारह भुजाओं वाली दुर्गा की भी मैंने पूजा की।

अध्यापिका : तुमने बहुत अच्छा काम किया है।

शब्दार्थ

ओड़िआ शब्द	**हिंदी अर्थ**
ଗୁରୁମା	**अध्यापिका**
ଗୁମ୍ଫା	**गुफा**

ଖୋଦନ	**खुदाई**
ଅନୁଶାସନ	**आदेश / अनुशासन**
ନାଟ୍ୟ ମଞ୍ଚ	**रंगमंच**
ସଂସ୍କୃତି ବିଭାଗ	**संस्कृति विभाग**
କଦଳୀ	**केला**
ଚିନାବାଦାମ	**मूँगफली**
ପୂଜା କରିବା	**पूजा करना**

अभ्यास

I. नीचे दिए गए वाक्य दोहराइए।

1) ତୁମେମାନେ କେହି ଖଣ୍ଡଗିରି-ଉଦୟଗିରି ପାହାଡ଼ ଦେଖିଛ ?
2) ନାଇଁ ଗୁରୁମା, ଆମେ ଦେଖିନୁ।
3) ଖଣ୍ଡଗିର-ଉଦୟଗିରି ପାହାଡ଼ କ'ଣ ଦେଖିନାହଁ ?
4) ତୁମେ ଏ ବିଷୟରେ କ'ଣ ସବୁ ପଢ଼ିଛ ?
5) ମୁଁ ରାଣୀ ଗୁମ୍ଫା ଓ ହାତୀ ଗୁମ୍ଫା ସେଠାରେ ଦେଖିଛି।
6) ବାରଭୂଜା ଦୁର୍ଗାଙ୍କୁ ମଧ୍ୟ ମୁଁ ପୂଜା କରିଛି।
7) ଖଣ୍ଡଗିରିରେ ଦେଖିବାକୁ କ'ଣ କ'ଣ ଅଛି ?
8) ବହୁତ କିଛି ଦେଖିବାକୁ ଅଛି।

II. नीचे दिए गए वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर वाक्य बनाइए।

1) ମୁଁ <u>ଖଣ୍ଡଗିରି-ଉଦୟଗିରି ଗୁମ୍ଫା</u> ବିଷୟରେ ପଢ଼ିଛି।

ତାଜମହଲ
ଆଦିବାସୀ ସଂସ୍କୃତି
ଶ୍ରୀରାମ ଚନ୍ଦ୍ରଙ୍କ
ଓଡ଼ିଶାର ଦେଉଳ

2) ମୁଁ <u>ନାଟ୍ୟ ମଞ୍ଚ</u> ଦେଖିନାହିଁ।

ଓଡ଼ିଶୀ ନୃତ୍ୟ
ଭାରତ ନାଟ୍ୟମ୍
କଥକଳୀ
ଭାଙ୍ଗଡ଼ା

ଧଉଳୀ ଗିରିସ୍ତୁପ   କୁଚିପୁଡ଼ି ନାଚ

3) ତୁମେମାନେ କେହି ଖଣ୍ଡଗିରି-ଉଦୟଗିରି ପାହାଡ଼ ଦେଖିଛ ?

ନୀଳଗିରି

ଧଉଳି

ଗିରି

ଚର୍ଚ୍ଚିକା

ଲଳିତ ଗିରି

ନନ୍ଦନକାନନ

4) ଏ ବିଷୟରେ କ'ଣ ସବୁ ପଢ଼ିଛ ?

ଶୁଣିଛ

କରିଛ

କହିଛ

ଲେଖିଛ

ଦେଖିଛ

5) ତୁମେ ଭୁବନେଶ୍ୱର ଯାଇଛ ।

ତୁ

ଯାଇଛୁ

ତୁମେମାନେ

ଯାଇଛ

ଆପଣମାନେ

ଯାଇଛନ୍ତି

ମୁଁ

ଯାଇଛି

ଆମେ

ଯାଇଛୁ

ସେ

ଯାଇଛି

ସେମାନେ

ଯାଇଛନ୍ତି

6) କେଉଁ ରାଜା ଏଇ ଗୁମ୍ଫା ସବୁ ଖୋଦନ କରିଛନ୍ତି?

କବି   ବହି

ଲେଖିଛନ୍ତି

ଶିକ୍ଷକ   ପାଠ

ସଂଶୋଧନ

କରିଛନ୍ତି

ଶିଳ୍ପୀ   ମନ୍ଦିର

ନିର୍ମାଣ

କରିଛନ୍ତି

ଚିତ୍ରକର   ଛବି

ଆଙ୍କିଛନ୍ତି

ମନ୍ତ୍ରୀ   ଭାଷଣ

ଦେଇଛନ୍ତି

III. **उदाहरण के अनुसार कोष्ठक में दिए गए शब्दों के निषेध रूपों का प्रयोग कर वाक्य बनाइए।**

1. **उदाहरण :** ନାଇଁ ଗୁରୁମା, ଆମେ (ଦେଖିବା) ।
ନାଇଁ ଗୁରୁମା, ଆମେ ଦେଖିନୁ ।

1) ନାଇଁ ବାପା, ଆମେ (କରିବା) ।
2) ନାଇଁ ଅପା, ଆମେ (ଭାଙ୍ଗିବା) ।
3) ନାଇଁ ବୋଉ, ଆମେ (ଖାଇବା) ।
4) ନାଇଁ ଭାଇ, ଆମେ (ନେବା) ।
5) ନାଇଁ ଆଜ୍ଞା, ଆମେ (ଜାଣିବା) ।

2. **उदाहरण :** ମୁଁ ସେଠାରେ ମାଙ୍କଡ଼ ଦେଖିଚ୍ଛି । (ବଡ଼ ବଡ଼, ବହୁତ)
ମୁଁ ସେଠାରେ ବହୁତ ବଡ଼ ବଡ଼ ମାଙ୍କଡ଼ ଦେଖିଚ୍ଛି ।

1) ମୁଁ ସେଠାରେ ପିଲା ଦେଖିଚ୍ଛି । (ଛୋଟ ଛୋଟ, ଖୁବ୍)
2) ମୁଁ ସେଠାରେ ଚକୁଳି ଖାଇଚ୍ଛି । (ସରୁ ସରୁ, ଅତି)
3) ମୁଁ ସେଠାରେ ପକ୍ଷୀ ଦେଖିଚ୍ଛି । (ସୁନ୍ଦର ସୁନ୍ଦର, ଭାରି)
4) ମୁଁ ସେଠାରେ ପଥର ଦେଖିଚ୍ଛି । (ବିରାଟ ବିରାଟ, ଖୁବ୍)
5) ମୁଁ ସେଠାରେ ବହି ପଢ଼ିଚ୍ଛି । (ମୋଟା ମୋଟା, ଅତି)

IV. कोष्ठक में दिए गए शब्दों में से उपयुक्त क्रिया शब्द चुनकर वाक्य पूरे कीजिए।

1) ତୁମେ ଏ ବିଷୟରେ କ'ଣ ______ ? (ପଢ଼ିଚ୍ଛ, ପଢ଼ିଚ୍ଛନ୍ତି)
2) କେଉଁ ରାଜା ଗୁମ୍ଫା ସବୁ _____ ? (ନିର୍ମାଣ କରିଚ୍ଛନ୍ତି, ନିର୍ମାଣ କରେଇଚ୍ଛନ୍ତି)
3) ତୁମେ କ'ଣ ସବୁ _____ ? (ଦେଖିଚ୍ଛନ୍ତି, ଦେଖିଚ୍ଛ)
4) ମୁଁ 'ବୀର ଖାରବେଳ' ନାଟକ _____ । (ଦେଖିଚ୍ଛି, ଦେଖିଚ୍ଛ)
5) ମୁଁ ନାଟ୍ୟ ମଞ୍ଚରେ ନାଟକ _____ । (କରିଚ୍ଛି, କରିଚ୍ଛ)

V. कोष्ठक में दी गई क्रियाओं के उपयुक्त रूपों का प्रयोग कर वाक्य पूरे कीजिए।

1) ମୁଁ ହାତୀ ଗୁମ୍ଫା _____ ଯାଉଚ୍ଛି । (ଦେଖ୍)
2) ତୁମେ ଆଉ କ'ଣ ସେଠି _____? (ଦେଖ୍)
3) ଗତ କାଲି ମୁଁ କଟକ _____ । (ଯା')
4) ଆସନ୍ତା ସୋମବାର ଦିନ ଆପଣ ରେଡ଼ିଓରେ ଗୀତ _____ । (ଶୁଣ)

5) ବେଳେବେଳେ ଆମେ ସିନେମା _____ । (ଦେଖ୍)

VI. उदाहरण के अनुसार नीचे दिए गए वाक्य-युग्मों को जोड़कर नये नये वाक्य बनाइए।

उदाहरण : ମୁଁ ସେମାନଙ୍କୁ କଦଳୀ ଖାଇବାକୁ ଦେଇଛି ।
ମୁଁ ସେମାନଙ୍କୁ ଚିନାବାଦାମ ଖାଇବାକୁ ଦେଇଛି ।
ମୁଁ ସେମାନଙ୍କୁ କଦଳୀ ଓ ଚିନାବାଦାମ ଖାଇବାକୁ ଦେଇଛି ।

1. ସେ ମତେ କାଗଜ ଲେଖିବାକୁ ଦେଇଛି ।
ସେ ମତେ କଲମ ଲେଖିବାକୁ ଦେଇଛି ।

2. ମା' ତୁମକୁ ଭାତ ଖାଇବାକୁ ଦେଇଛନ୍ତି ।
ମା' ତୁମକୁ ତରକାରୀ ଖାଇବାକୁ ଦେଇଛନ୍ତି ।

3. ସେମାନେ ଖଣ୍ଡଗିରି-ଦେଖିବାକୁ ଯାଇଛନ୍ତି ।
ସେମାନେ ଧଉଳିଗିରି ଦେଖିବାକୁ ଯାଇଛନ୍ତି ।

4. ତୁ ତାଙ୍କୁ ଗପ ପଢ଼ିବାକୁ କହିଛୁ ।
ତୁ ତାଙ୍କୁ କବିତା ପଢ଼ିବାକୁ କହିଛୁ ।

5. ମାଧବୀ ତତେ ଚୁଡ଼ି ପିନ୍ଧିବାକୁ ଦେଇଛି ।
ମାଧବୀ ତତେ ହାର ପିନ୍ଧିବାକୁ ଦେଇଛି ।

VII. कोष्ठक में दिए गए निदेशों के अनुसार निम्न वाक्यों का परिवर्तन कीजिए।

1. ଆମେ ଧଉଳି ଗିରି ଯିବୁ । **(निषेधवाचक वाक्य में)**
2. ମୁଁ ଖଣ୍ଡଗିରି-ଉଦୟଗିରି ପାହାଡ଼ ଦେଖିଛି । **(प्रश्नवाचक वाक्य में)**
3. ମୁଁ ସେଠି ମହାବୀର ଜୈନଙ୍କର ମୂର୍ତ୍ତି ଦେଖିନାହିଁ । **(सकारात्मक वाक्य में)**
4. ମୋ ବାପା ମା' କାଲି ପୁରୀ ଗଲେ । **(अपूर्ण भूत काल के वाक्य में)**
5. ଛୁଟି ଦିନ ମାନଙ୍କରେ ଆମେ ଗାଁରେ ରହୁଥିଲୁ । **(अपूर्ण भविष्यत काल के वाक्य में)**
6. ମୁଁ ଜଗନ୍ନାଥଙ୍କ "ମହାପ୍ରସାଦ" ଖାଇଅଛି । **(अपूर्ण भविष्यत के निषेधवाचक वाक्य में)**

VIII. कोष्ठक में दिए गए हिंदी प्रयोगों के समानार्थक ओड़िआ प्रयोगों से वाक्य पूरे कीजिए।

1. ମୋତେ ସକାଳେ ଗୋଟିଏ କଦଳୀ ______ ମିଳିଲା । (खाने के लिए)
2. ଶିକ୍ଷକ ତାଙ୍କୁ ଗୋଟିଏ ବହି ______ ପଢ଼ିବାକୁ ଦେଲେ । (पढ़ने के लिए)
3. ଲତା ଗୀତ _______ ସୂଚନାଭବନ ଯାଇଛି । (गाने के लिए)
4. ମୁଁ _______ ବାରବାଟୀ ଷ୍ଟାଡ଼ିୟମ୍ ଯିବି । (खेलने के लिए)
5. ଆମେମାନେ ________ ନନ୍ଦ କାନନ ଯାଉଛୁ । (घूमने के लिए)

पढ़िए और समझिए

ଶାମ୍ବ ଦଶମୀ

शांब दशमी

ଆଜି ଶାମ୍ବ ଦଶମୀ । ଏହି ଦିନ ସୂର୍ଯ୍ୟଙ୍କୁ ପୂଜା କରାଯାଏ । ଶାମ୍ବ ଦଶମୀ ଦିନ ମା' କେତେ ପ୍ରକାରର ପିଠାପଣା ତିଆରି କରିଛନ୍ତି । ଆମେମାନେ ମଧ୍ୟ ମା'ଙ୍କୁ ସାହାଯ୍ୟ କରିଛୁ । ମା' ମଣ୍ଡା ପିଠାରେ ଛେନା, ନଡ଼ିଆ ଓ ଗୁଡ଼ ପୁର ଦେଇ ଗଢ଼ିଛନ୍ତି । ମୁଁ, ଆଇ ଓ ମା' ମିଶି ବିଭିନ୍ନ ପ୍ରକାର ପିଠାପଣାମାନ ତିଆରି କରିଛୁ । ଅପା ଡାଲି ଗଜା କରିଛି । ତାକୁ ଚିନି ସିରାରେ ବୁଡେଇଛି । ବାପା ବଜାରକୁ ଯାଇଛନ୍ତି । ସେ କହିଛନ୍ତି ମୁଁ ବଜାରରୁ ଆସିଲା ପର୍ଯ୍ୟନ୍ତ ତମେମାନେ ଅପେକ୍ଷା କରିବ । ବାପା ସକାଳୁ ବିଭିନ୍ନ ପ୍ରକାର ଆଳୁ, ସାରୁ, କଞ୍ଚା କଦଳୀ, ବାଇଗଣ, କଖାରୁ, ଭେଣ୍ଡି, ବିଲାତି ବାଇଗଣ ଇତ୍ୟାଦି ପରିବା ଆଣିଛନ୍ତି । ତା' ପରେ ମା' ପରିବା କାଟିଛନ୍ତି ଓ ଘାଣ୍ଟ ତରକାରୀ ତିଆରି କରିଛନ୍ତି । ତା' ସହିତ ପିଠାପଣା ଇତ୍ୟାଦି ସୂର୍ଯ୍ୟଙ୍କ ପାଖରେ ବାଢ଼ିଛନ୍ତି ।

शब्दार्थ

ओड़िआ शब्द	हिंदी अर्थ
ଶାମ୍ବ ଦଶମୀ	सांब दशमी (एक त्योहार का नाम)
ପିଠାପଣା	चावल तथा उड़द दाल से बना खाद्य
ମଣ୍ଡାପିଠା	चावल, नारियल, उड़द दाल, शक्कर आदि से बना एक प्रकार का खाद्य
ଛେନା	पनीर
ନଡ଼ିଆ	नारियल
ଗୁଡ଼	गुड़
ଆରିଷା ପିଠା	चावल, नारियल और गुड़ से बना खाद्य

କାକରା ପିଠା	**सुजी, नारियल तथा शक्कर से बना खाद्य**
ଡାଳି ଗଜା	**मैदा, शक्कर तथा घी से बना एक खाद्य**
ଚିନିସିରା	**चिनिसिरा (चीनी की चासनी)**
ବୁଡେଇଛି	**डाला है ।**
ଆଳୁ	**आलू**
ସାରୁ	**कचु**
ବାଇଗଣ	**बैंगन**
କଖାରୁ	**कद्दू**
ଲାଉ	**लौकी**
ଭେଣ୍ଡି	**भिंडि**
ପରିବା	**तरकारी**
କାଟିଛି	**काटी है**
ଘାଣ୍ଟ ତରକାରୀ	**सभी तरकारी मिश्रित सब्ज़ी**
ଭାରି	**बहुत**
ଭୋଗ	**भोग / प्रसाद**

अभ्यास

I. **अनुच्छेद के आधार पर निम्न प्रश्नों के उत्तर दीजिए।**

1) ଶାମ୍ବ ଦଶମୀରେ କାହାକୁ ପୂଜା କରିବ ?
2) ମା' କି ପିଠା କରିଛନ୍ତି ?
3) କେଉଁ ଗଜା ଚିନି ସିରାରେ ବୁଡ଼ିଛି ?
4) ବାପା ବଜାରରୁ କି କି ପରିବା ଆଣିଛନ୍ତି ।
5) କିଏ ପରିବା କାଟିଛନ୍ତି ?
6) ମା' କାହା ପାଖରେ ପିଠାପଣା ବାଢ଼ିଛନ୍ତି ?

II. **दिए गए प्रत्येक शब्द समूह से अनुपयुक्त शब्द बताइए।**

1) ଆଳୁ, ସାରୁ, ବାଇଗଣ, କଦଳୀ, ଚିନି

2) ମା', ଅପା, ସୂର୍ଯ୍ୟ, ବାପା, ଆଈ
3) ଆରିଷା, ତରକାରୀ, କାକରା, ଡାଲିଗଜା, ମଣ୍ଡା
4) କାଟିଛି, ବାଢ଼ିଛି, ରାନ୍ଧିଛି, ଲାଗିଛି, ଚଢ଼ିଛି
5) ଛେନା, ନଡ଼ିଆ, ଗୁଡ଼, ଚିନି, ଭେଣ୍ଡି

III. **हिंदी में अनुवाद कीजिए।**

ଆମ ଜେଜେବାପାଙ୍କର କାଲି ଦୁର୍ଘଟଣା ହେଲା। ତାଙ୍କର ଗୋଡ଼ କାଟିଲା। ଭାଗ୍ୟବଶତଃ ଆମ ଘର ସାମ୍ନାରେ ହିଁ ଗୋଟିଏ ବଡ଼ ଡାକ୍ତରଖାନା ଥିଲା । ଆମେ ତାଙ୍କୁ ସେଇ ଡାକ୍ତରଖାନାକୁ ନେଇଗଲୁ ।

ଡାକ୍ତର ତାଙ୍କର ଗୋଡ଼ ପରୀକ୍ଷା କଲେ। ତାପରେ ନର୍ସମାନେ ପଟି ବାନ୍ଧିଲେ। ଘରେ ଖାଇବା ପାଇଁ ଡାକ୍ତର ଔଷଧ ଦେଲେ। ଆମ ଜେଜେବାପା କିଛି ସମୟ ଧରି ଡାକ୍ତରଖାନାରେ ବିଶ୍ରାମ ନେଲେ। ଘଣ୍ଟାଏ ପରେ ଆମେ ତାଂକୁ ଧରି ଘରକୁ ଫେରିଆସିଲୁ।

IV. **ओड़िआ में अनुवाद कीजिए।**

मैं बहुत बार कोलकत्ता गई हूँ। वहाँ मैंने विक्टोरिया महल और काली मंदिर, देखे हैं। कलकत्ते के थियेटरों में मैंने बंगला सिनेमाएँ भी देखी हैं। मुझे दिल्ली देखने की इरादा है। दिल्ली देखने के लिए मैं अपने मित्रों के साथ जाना चाहती हूँ । मेरी एक दिल्लीवाली सहेली है। वह मुझे अपने घर ले चलेगी। उन के घरवालों के साथ मैं दिल्ली देखने के लिए जाऊँगी। दिल्ली में मैं राजघाट, रेड फोर्ट, राष्ट्रपति भवन, संसद भवन, उच्चतम न्यायालय, जंतर मंतर, आदि देखूँगी। दिल्ली से लौटने वक्त मैं आग्रा को भी जाऊँगी। वहाँ का ताजमहल चाँदनी की शाम में देखूँगी। हमारे ओड़िआ के चिल्का जैसा सुंदर तटाक दिल्ली में नहीं हैं। फिर भी दिल्ली तथा आग्रा की मैं सैर ज़रुर करुँगी। मैं एक बार केरल भी गई हूँ। वहाँ की हरी भरी प्रकृति ने मुझे बहुत आकर्षित की है। केरल से लौटने के बाद मैंने एक ओड़िआ पत्रिका में केरल के बारे में लिखी हूँ। उसी प्रकार दिल्ली तथा आग्रा के बारे में भी लिखना चाहती हूँ।

V. **दीवाली के बारे में ओड़िआ में एक छोट सा अनुच्छेद लिखिए।**

टिप्पणियाँ

I. **इस पाठ में निम्न प्रकार के वाक्यों का प्रयोग हुआ है।**

1\. 1. ମୁଁ ସେଠାରେ ରାଣୀଗୁମ୍ଫା-ହାତୀଗୁମ୍ଫା ଦେଖିଛି । मैंने वहाँ रानीगूफा-हातीगूफा

मुँ सेठारे राणीगुंफा-हातीगुंफा देखिछि। देखा है।

2\. ମୁଁ ନାଟ୍ୟ ମଞ୍ଚ ଦେଖିନାହିଁ । मैंने नाट्यमंच नहीं देखा है।

मुँ नाट्यमंच देखिनाहिं।

3\. ତୁମେମାନେ କେହି ଖଣ୍ଡଗିରି-ଉଦୟଗିରି ପାହାଡ଼ ଦେଖିଛ ? तुमलोगें में से किसीने खंडगिरि-उदयगिरि पहाड़ देखा है ?

तुमेमाने केहि खण्डगिरि-उदयगिरि पाहाड़ देखिछ?

उपर्युक्त वाक्यों में पूर्ण वर्तमान कालिक क्रिया का प्रयोग हुआ है। वाक्य (1) सकारात्मक है। वाक्य (2) पूर्ण वर्तमान कालिक निषेधवाचक है और वाक्य (3) प्रश्नवाचक पूर्णकालिक वाक्य है। ओड़िआ में मूलक्रिया के साथ -'ଛ' (-छ), -'ଛି' (-छि), -'ଛୁ' (-छु), -'ଛନ୍ତି' (-छंति) सहायक क्रियाओं के व्यवहार करने से पूर्ण वर्तमान कालिक क्रिया के रूप बनते हैं। ऐसे प्रयोग हिंदी के 'देखा है', 'देखी है' जैसे प्रयोगों के समान हैं। पुरुष और वचन के साथ क्रिया का रूप भी बदलता है।

उत्तम पुरुष

एक वचन ମୁଁ ଦେଖଛି । मैंने देखा है।

मुँ देखिछि।

बहु वचन ଆମେ/ଆମେମାନେ ଦେଖିଛୁ । हम ने / हम (लोगों) ने देखा है।

आमे / आमेमाने देखिछु।

ଆମ୍ଭେ/ ଆମ୍ଭେମାନେ ଦେଖିଛୁ ।

आम्भे / आम्भेमाने देखिछु।

मध्यम पुरुष

एक वचन ତୁ ଦେଖିଛୁ । तू ने देखा है ।

तु देखिछु।

बहुवचन ତୁମେ / ତୁମେମାନେ ଦେଖିଛ । तुमने / तुम (लोगों) ने देखा है।

तुमे / तुमेमाने देखिछ।

ତୁମ୍ଭେ / ତୁମ୍ଭେମାନେ ଦେଖିଛ । **तुमने/तुम (लोगों) ने देखा है।**

तुम्भे/ तुम्भेमाने देखिछ।

ଆପଣ ଦେଖିଛନ୍ତି / ଆପଣମାନେ ଦେଖିଛନ୍ତି । **आपने / आप (लोगों) ने देखा है?**

आपण देखिछंति/ आपणमाने देखिछंति।

अन्यपुरुष

एकवचन ସେ ଦେଖିଛି । **उसने देखा है।**

से देखिछि।

बहुवचन ସେମାନେ ଦେଖିଛନ୍ତି । **उन्होंने / उन (लोगों) ने देखा है।**

सेमाने देखिछंति।

II. **नीचे दिए गए वाक्यों के रेखांकित शब्दों पर ध्यान दीजिए।**

1. ସେଠାରେ ଦେଖିବାକୁ କ'ଣ କ'ଣ ଅଛି ?
   सेठारे देखिबाकु क'ण क'ण अछि ?

2. ମୁଁ ସେମାନଙ୍କୁ ଖାଇବାକୁ କଦଳୀ ଓ ଚିନାବାଦାମ ଦେଇଛି ।
   मुँ सेमानंकु खाइबाकु कदळी ओ चिनाबादाम देइछि।

3. ମୁଁ ଲାଇବ୍ରେରୀକୁ ପଢ଼ିବାକୁ ଯାଉଛି।
   मुँ लाइब्रेरीकु पढ़िबाकु जाउछि।

4. ସେ ବୁଲିବାକୁ ନନ୍ଦ କାନନ ଯାଇଛନ୍ତି ।
   से बुलिबाकु नदंनकानन जाइछंति।